# ବନ ମହୋତ୍ସବ ସପ୍ତାହ ସଙ୍କ୍ରାନ୍ତୀୟ ପ୍ରଶ୍ନ ଓ ଉତ୍ତର
## ୧-୭ ଜୁଲାଇ ୨୦୨୪

### ବିଷୟବସ୍ତୁ - ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ପୃଥିବୀ ମାତାକୁ ସୁରକ୍ଷା ଦେବା

**ପ୍ରଶ୍ନ : ବନ ମହୋତ୍ସବ କ'ଣ ?**

ଉ) : ବନ ମହୋତ୍ସବ ଏକ ବାର୍ଷିକ ବୃକ୍ଷରୋପଣ ପର୍ବ, ପରିବେଶର ସନ୍ତୁଳନ ବଜାୟ ରଖିବା, ଜଙ୍ଗଲ ନଷ୍ଟ ରୋକିବା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାରେ ଜଙ୍ଗଲ ଏବଂ ବୃକ୍ଷର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜୁଲାଇ ମାସ ୧-୭ ମଧ୍ୟରେ ବନୋମହୋତ୍ସବ ସପ୍ତାହ ପାଳନ କରାଯାଇଥାଏ। ପରିବେଶ ସଂରକ୍ଷଣ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ସପ୍ତାହ ସାରା ଭାରତରେ ପାଳନ କରାଯାଇଥାଏ।

**ପ୍ରଶ୍ନ : ଜୁଲାଇ ୧-୭ ମଧ୍ୟରେ ବନ ମହୋତ୍ସବ କାହିଁକି ପାଳନ କରାଯାଏ ?**

ଉ) : ଏହି ସମୟରେ ମୌସୁମୀ ଋତୁ ଆରମ୍ଭ ହୋଇଥାଏ, ଯାହା ଚାରା ରୋପଣ ପାଇଁ ଉପଯୁକ୍ତ ସମୟ।

**ପ୍ରଶ୍ନ : ବନ ମହୋତ୍ସବରେ ବୃକ୍ଷରୋପଣର ମହତ୍ତ୍ୱ କ'ଣ ?**

ଉ) : ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହା ଜଙ୍ଗଲ ନଷ୍ଟ ରୋକିବା, ପ୍ରଦୂଷଣ ମାତ୍ରା ହ୍ରାସ କରିବା ଏବଂ ନିୟମିତ ବର୍ଷା ହେବାରେ ସହାୟକ ହୋଇଥାଏ। ଏହା ସାମାଜିକ ଦାୟିତ୍ୱ ଏବଂ ପରିବେଶ ସଙ୍କ୍ରାନ୍ତୀୟ ସଚେତନତା ସୃଷ୍ଟିରେ ମଧ୍ୟ ସହାୟକ ହୋଇଥାଏ।

**ପ୍ରଶ୍ନ : ବନ ମହୋତ୍ସବକୁ ଆମେ କିପରି ପାଳନ କରିପାରିବା ?**

ଉ) :
- ଘର, ସ୍କୁଲ, କଲେଜ ଏବଂ ଗୋଷ୍ଠୀ ସ୍ତରୀୟ ଅନୁଷ୍ଠାନରେ ବୃକ୍ଷରୋପଣ କରି।
- ବିଭିନ୍ନ ବୃକ୍ଷରୋପଣ ଅଭିଯାନ ଓ ସଚେତନତା ଅଭିଯାନରେ ଅଂଶ ଗ୍ରହଣ କରି।
- ୩ଟି ନିୟମ ଅଭ୍ୟାସରେ ପାଳନ କରି : ସମ୍ବଳର ମାତ୍ରାଧିକ ବ୍ୟବହାର ହ୍ରାସ କରି, ବିଭିନ୍ନ ବସ୍ତୁର ବାରମ୍ବାର ବ୍ୟବହାର କରି ଏବଂ ଅଦରକାରୀ ପଦାର୍ଥକୁ ବ୍ୟବହାର ଯୋଗ୍ୟ କରି।

**ପ୍ରଶ୍ନ : ବନ ମହୋତ୍ସବକୁ ଆମେ କିପରି ଅଧିକ ପ୍ରଭାବଶାଳୀ ଓ ଗ୍ରହଣୀୟ କରିପାରିବା ?**

ଉ) :
- ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସମୁଦାୟ ଓ ବିଦ୍ୟାଳୟକୁ ସାମିଲ କରିବା। ବୃକ୍ଷରୋପଣ ଏବଂ ଗଛର ଯତ୍ନ ନେବାରେ ଛାତ୍ରଛାତ୍ରୀ ଏବଂ ଗୋଷ୍ଠୀ ବାସିନ୍ଦାଙ୍କୁ ନିୟୋଜିତ କରିବା ଦ୍ୱାରା ଜଙ୍ଗଲ ସମ୍ପଦ ପ୍ରତି ନିଜସ୍ୱ ମାଲିକାନା ଭାବନା ସୃଷ୍ଟି ଏବଂ ପରିବେଶ ପରିଚାଳନା ପାଇଁ ମନୋଯୋଗ ବୃଦ୍ଧି ପାଇଥାଏ।
- ସ୍ଥାନୀୟ ସମୁଦାୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ଅନୁକୂଳ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଓ ପରିବେଶର ସ୍ଥାୟୀତ୍ୱ ନିମନ୍ତେ ପ୍ରୋତ୍ସାହିତ କରିବା।

- ପରିବେଶର ସନ୍ତୁଳନ ବଜାୟ ରଖିବାରେ ଗଛ ଓ ଜଙ୍ଗଲର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶନ କରିବା ।
- ପ୍ଲାଷ୍ଟିକ ଉପକରଣର ବ୍ୟବହାର ହ୍ରାସ ଏବଂ ଅଦରକାରୀ ଦ୍ରବ୍ୟକୁ ପୁନଃ ବ୍ୟବହାର ଯୋଗ୍ୟ କରାଇବା ଭଳି ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ଲୋକଙ୍କୁ ଉତ୍ସାହିତ କରିବା ।
- ସ୍ଥାନୀୟ ଔଷଧୀୟ ବୃକ୍ଷ ଓ ଏହାର ଉପଯୋଗୀତା ଉପରେ ଆଲୋକପାତ କରିବା । ବୃକ୍ଷର ବିଭିନ୍ନ ଉପକାରିତା ବିଷୟରେ ଲୋକଙ୍କୁ, ବିଶେଷ କରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଦ୍ୱାରା ପ୍ରକୃତି ପ୍ରତି ସେମାନଙ୍କର ଆତ୍ମୀୟତା ଭାବନା ଦୃଢ଼ ହୋଇପାରିବ ।



**ପ୍ରଶ୍ନ : ଶିମିଳିପାଳ ଜୈବମଣ୍ଡଳର ମହତ୍ତ୍ୱ କ'ଣ ?**

ଉ) : ଶିମିଳିପାଳ ଜୈବମଣ୍ଡଳ ହେଉଛି ଏକ ଜୈବ ବିବିଧତାର ମୁଖ୍ୟ ଅଞ୍ଚଳ ଯେଉଁଥିରେ ୧,୨୮୬ ପ୍ରଜାତିର ଫୁଲ ଗଛ, ୯୪ ପ୍ରଜାତିର ଅର୍କିଡ୍ ଏବଂ ରୟାଲ ବେଙ୍ଗଲ ଟାଇଗର ଏବଂ ଏସୀୟ ହାତୀ ଭଳି ବିଭିନ୍ନ ବିଲୁପ୍ତ ପ୍ରଜାତି ଅନ୍ତର୍ଭୁକ୍ତ ।

**ପ୍ରଶ୍ନ : ସ୍ଥାନୀୟ ସମୁଦାୟ ପାଇଁ ଶିମିଳିପାଳ ଜୈବମଣ୍ଡଳ ସଂରକ୍ଷଣର ଗୁରୁତ୍ୱ କ'ଣ ?**

ଉ) : ଜୈବମଣ୍ଡଳ ସଂରକ୍ଷଣ ସ୍ଥାନୀୟ ସମୁଦାୟମାନଙ୍କ ପାଇଁ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ, ଯେଉଁମାନେକି କୃଷି ଏବଂ ଜଙ୍ଗଲ ଜାତ ଦ୍ରବ୍ୟ ପାଇଁ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି । ଜୈବ ବିବିଧତାର ସଂରକ୍ଷଣ ପାଇଁ ଏହି ଅଞ୍ଚଳ ଦେଶୀୟ ଜ୍ଞାନର ଭଣ୍ଡାର ଅଟେ ।

**ପ୍ରଶ୍ନ : ଶିମିଳିପାଳ ଜୈବମଣ୍ଡଳ ରିଜର୍ଭରେ ମୁଖ୍ୟ ପ୍ରସଙ୍ଗ ସମସ୍ୟା ଏବଂ ଆହ୍ୱାନ ଗୁଡିକ କ'ଣ ?**

ଉ) : କୃଷି ଜୈବ ବିବିଧତା ହରେଇବା, ଜଙ୍ଗଲ ନଷ୍ଟ ହେବା, ଜଙ୍ଗଲରେ ନିଆଁ ଲାଗିବା, ଜଙ୍ଗଲର ଅସ୍ଥାୟୀ ବ୍ୟବହାର ଏବଂ ମନୁଷ୍ୟ-ବନ୍ୟଜନ୍ତୁ ମଧ୍ୟରେ ସଂଘର୍ଷ, ବିଶେଷକରି ହାତୀ ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସଂଘର୍ଷ ଭଳି ପ୍ରମୁଖ ସମସ୍ୟା ଅନ୍ତର୍ଭୁକ୍ତ ।

**ପ୍ରଶ୍ନ : ଗ୍ରୀନ୍-ଏଜି ପ୍ରକଳ୍ପ କ'ଣ ? ଏବଂ ଶିମିଳିପାଳ ଜୈବମଣ୍ଡଳ ରିଜର୍ଭ ପାଇଁ ଏହାର ମହତ୍ତ୍ୱ କ'ଣ ?**

ଉ) : ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଏବଂ ଲ୍ୟାଣ୍ଡସ୍କେପ୍ ଆଭିମୁଖ୍ୟ ମାଧ୍ୟମରେ ଉଚ୍ଚ ସଂରକ୍ଷଣ ଜଙ୍ଗଲ ଉପରେ ଚାପର ମାତ୍ରା ହ୍ରାସ କରିବା ଗ୍ରୀନ୍-ଏଜି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । କୃଷି ଜୈବ ବିବିଧତା ହରାଇବା ଦିଗରେ ବିଭିନ୍ନ ଆହ୍ୱାନର ମୁକାବିଲା କରିବା ଏବଂ ଜୈବିକ କୃଷି ଓ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ଶିମିଳିପାଳ ଜୈବମଣ୍ଡଳ ସଂରକ୍ଷଣ କରିବା ନିମନ୍ତେ ଗ୍ରୀନ୍-ଏଜି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି ।



